Email id : bhapurtahasildar-@gmail.com
Ph. No. : 0675-238122 (O)

# ତହସିଲଦାର ଙ୍କ କାର୍ଯ୍ୟାଳୟ, ଭାପୁର (ଜିଲ୍ଲା-ନୟାଗଡ)

ପତ୍ର ସଂଖ୍ୟା .୧୮୪୭ /ତଉଜି ତା. ୩୦/୦୬/୨୦୧୮

## ବିଜ୍ଞାପନ

## ( ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ)

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୪, ୨୦୧୫ ଓ ୨୦୧୬ - ୨୦୧୭ ଅନୁଯାୟୀ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଭାପୁର ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସଗୁଡିକୁ ଅନ୍ୟୁନ ୫ ( ପାଂଚ) ବର୍ଷ ନିମନ୍ତେ (୨୦୧୮-୧୯ ବର୍ଷ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ) ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଉକ୍ତ ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଂପୃକ୍ତ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗୀକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଂଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୈଣସି ଅଭିଯୋଗ ଗ୍ରହଣିୟ ହେବ ନାହିଁ , ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ) ଆଇନ -୨୦୧୪ ବର୍ଣ୍ଣିତ ତିନିକିତା ଫର୍ମ-M ପୂରଣ କରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫିଜ୍ ବାବଦକୁ ଟ.୧୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of account 0853-Non-Ferrous Mining & Metallurgical Industries-102- Mineral Concession Fees, Rents & royalities) ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ( Minimum Guaranted Quantity ) ଅନୁସାରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମ ପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate )ଯାହାର ଅବଧି ୦୪ଠର ମାସ ହେବା ଆବଶ୍ୟକ କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)[Requisite Extent of Solvency/Bank Guarantee=Minimum guaranteed quantity X offered Additional charge & Royality]

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟିର ଶତକଡା ୫ ଭାଗ EMD ( Earnest Money Deposite) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ।

୫. ଆବେଦନ କରିଥିବା ଲିଜ୍ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୬. ଆବେଦନକାରୀ ଯେଉଁ ସଇରାତ ଉତ୍ସପାଇଁ ଆବେଦନ କରୁଛନ୍ତି, ତାହା ପାଇଁ ଧାର୍ଯ୍ୟ ରୟାଲିଟି ରେଟ୍ ତୁଳନାରେ କେତେ ସର୍ବୋଚ ରେଟ୍ ରେ ନେବାକୁ ଚାହୁଁଛନ୍ତି , ତାହା ଉଲ୍ଲେଖ କରିବେ ।

୭. VAT/GST/IT Clearance ସାର୍ଟିଫିକେଟ୍‌ର ନକଲ ।

୮. ଆବେଦନକାରୀଙ୍କ ପ୍ୟାନ କାର୍ଡର ନକଲ ।

୯. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତି ତାଲିକା ଉପରୋକ୍ତ କାଗଜାତ ସହ ଦରଖାସ୍ତ ଜଉମୁଦିଆ ଲଫାପାରେ ରେଜେଷ୍ଟ୍ରି ଡାକ ଯୋଗେ ତହସିଲଦାରଙ୍କ କାର୍ଯ୍ୟାଳୟ, ଭାପୁର, ଗ୍ରା/ପୋ.ଅ. – ଭାପୁର, ଜି. ନୟାଗଡ , ପିନ- ୭୫୨୦୬୩ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ପ୍ରଥମ ପର୍ଯ୍ୟାୟ ପାଇଁ ତା. ୨୦/୦୭/୨୦୧୮ ରିଖ ମଧ୍ୟରେ ଯେ କୌଣସି ଏବଂ ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା. ୨୧/୦୭/୨୦୧୮ ରିଖ ପୂର୍ବାହ୍ଣ ୧୧ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଯଦି ସୈରାତ ଉତ୍ସ ଗୁଡିକ ପ୍ରଥମ ଦଫାରେ ଲିଜ୍ ପାଇଁ ଚୂଡାନ୍ତ ହୋଇନପାରିଲା ତେବେ ସମାନ ଉପାୟ ରେ ଦ୍ୱିତୀୟ ଦଫାରେ ପୁନର୍ବାର ତା. ୨୭/୦୭/୨୦୧୮ ରିଖ ଅପରାହ୍ଣ ୫ ଘଟିକା ମଧ୍ୟରେ ଆବେଦନ କରିପାରିବେ ତା ୨୮/୦୭/୨୦୧୮ ରିଖ ପୂର୍ବାହ୍ଣ ୧୧ ଘଟିକା ରେ ଏହି ଟେଣ୍ଡର ଗୁଡିକ ଉପରୋକ୍ତ ସ୍ଥାନରେ ଚୂଡାନ୍ତ ନିଷ୍ପତି ନିଆଯିବ । ଯଦି ଦ୍ୱିତୀୟ ଦଫାରେ ଟେଣ୍ଡର ଗୁଡିକ ଫଇସଲା ନ ହୋଇ ପାରିଲା ତେବେ ଦ୍ୱିତୀୟ ଦଫାରେ ୦୪/୦୮/୨୦୧୮ ରିଖ ଅପରାହ୍ଣ ୫ ଘଟିକା ମଧ୍ୟରେ ଟେଣ୍ଡର ଦାଖଲ କରିପାରିବେ ଓ ତା. ୦୬/୦୮/୨୦୧୮ ରିଖ ପୂର୍ବାହ୍ଣ ୧୧ ଘଟିକା ରେ ଟେଣ୍ଡର ପେପର୍ ଗୁଡିକ ଖୋଲାଯାଇ ଚୂଡାନ୍ତ ନିଷ୍ପତି ନିଆଯିବ । ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲିଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲିଟି ଉପରେ ସର୍ବାଧିକ ଦେୟ (Additional Charge) ଦର୍ଶାଯାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସଇରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଦର୍ଶାଇଥାନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନିତ କରାଯିବ ।

୧୦. ଜିଲ୍ଲାପାଳ, ନୟାଗଡଙ୍କ ପତ୍ର ସଂଖ୍ୟା ୩୬୦ ତା. ୧୭.୦୬.୨୦୧୭ ରିଖ ଦ୍ୱାରା ଉତ୍ସ ଗୁଡିକର ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଛି । ପରବର୍ତୀ ସମୟରେ ଯଦି ସରକାରଙ୍କ ଦ୍ୱାରା ସର୍ବନିମ୍ନ ଅତିରିକ୍ତ ଦେୟ ପୁନର୍ବାର ଧାର୍ଯ୍ୟ କରାଯାଏ ଉକ୍ତ ଧାର୍ଯ୍ୟ ମୂଲ୍ୟ ଓ ନୋଟିସରେ ଥିବା ଅତିରିକ୍ତ ଦେୟର ପାର୍ଥକ୍ୟ ମୂଲ୍ୟକୁ ମନୋନିତ ଆବେଦନକାରୀ ଦାଖଲ କରିବାକୁ ବାଧ୍ୟ ହେବେ ।

ପୃ: ଦ୍ର:

୧୧. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀ ମାନିବା ପାଇଁ ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ଅମାନତ ରାଶି ଜମା କରିବେ । ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (MGQ)ଉପରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଯାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲିଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ ( District Mineral Foundation ) ଦେବାକୁ ଥିବା ଦେୟର ଏକ ଚତୁର୍ଥାଂଶକୁ ଆଗୁଆ ପ୍ରଦାନ କରାଯାଇଥିବା Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ରହିତ ଅମାନତ ରାଶିର ଗ୍ରହଣ ପରିମାଣ ସହ ସମାନ ହେବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ । ସର୍ବ ନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ସ୍ଥଳ ବିଶେଷରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

୧୨. ମନୋନୀତ ଆବେଦନକାରୀ ଚାରି ମାସ ମଧ୍ୟରେ Mining Plan ତଥା Environment Clearance ନିଜ ଖର୍ଚ୍ଚରେ ଏବଂ ନିଜ ଦାୟିତ୍ୱରେ ଦାଖଲ କରିବା ବାଧ୍ୟତା ମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୪-୧୫ ଓ ୨୦୧୬ ର ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଯଥା ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଅନୁଯାୟୀ ଅତିରିକ୍ତ ଦେୟ ବା ରୟାଲିଟି ଧାର୍ଯ୍ୟ ଅତିରିକ୍ତ ଦେୟ ରୟାଲିଟିର ୧୦ % ଜିଲ୍ଲା ଖଣିଜ ପାଣ୍ଠି (District Mineral Foundation fund ),୫% ପରିବେଶ ପରିଚାଳନା ପାଣ୍ଠି (Environmental Management Fund) ୨% ଆୟକର ( Tax Collection at Source ) ନିର୍ଦ୍ଧାରିତ Surface and Dead Rent ଜମା ଦେଇ ଲିଜ୍ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ । ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ରାଶି ଲିଜ ଧାରୀ ପଇଠ କରିବା ପାଇଁ ବାଧ୍ୟ ହେବେ । ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସ ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ ସମ୍ପାଦନ ଖର୍ଚ୍ଚ ଲିଜ ଧାରୀ ବହନ କରିବେ । ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ । ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଗୁଡିକ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ , ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସାକ୍ଷରକାରୀଙ୍କର ରହିଛି ।

ତହସିଲଦାର
Bhapur

## Statement showing Minimum Guaranteed Quantity of the minor mineral to be extracted and minimum amount of additional charge in respect of Sairat Sources in respect of Bhapur Tahasil for the Year 2018-2019

| Sl No. | Name of the R.I Circle | Name of the souce | Mouza | Khata No. | Plot. No | Area | Kisam | Minimum Gururanted Quantity in cubic metre & Minimum amount of royality & Additional charges payable in Rs. Figure during lease period@ Rs. 40/- for sand & @ Rs. 140/- for stone | | | | | Remarks |
|---|---|---|---|---|---|---|---|---|---|---|---|---|---|
| | | | | | | | | 1st year | 2nd year | 3rd year | 4th year | 5th year | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| 1 | Baghuapalli | Kasia Stone Quarry (02) Ac.08.00 dec. | Kasia | 3 (AAA) | 180 | Ac.08.00 dec. Out of Ac.39.87 dec | Landaparbata | 500cm Rs. 70,000/- | 750cm Rs. 1,05,000/- | 1000cm Rs. 1,40,000/- | 1250cm Rs. 1,75,500/- | 1500cm Rs. 2,10,000/- | Total Q.5000cm Rs. 7,00,000/- |
| 2 | Baghuapalli | Dhalabandha Stone Quarry Ac.12.37 dec. | Dhalabandha | 148 (AAA) | 445 | Ac.12.37 dec. | Parbata- II | 1250cm Rs. 1,75,500/- | 1850cm Rs. 2,59,000/- | 2500cm Rs.3,50,000/- | 3000cm Rs. 4,20.,000/- | 3500cm Rs. 4.90.000/- | Total Q. 12100cm Rs. 16,94,000/- |
| 3 | Marada | Hanumantaprasad Stone Quarry Ac. 12.96dec. | Hanumantaprasad | 205(AAA) | 1595, 1596, & 1597 | Ac.3.67dec. Ac.3.81dec. & Ac.5.48dec. | Patharabani | 350cm Rs.49,000/- | 500cm Rs. 70,000/- | 650cm Rs.91,000/- | 750cm Rs.1,05,000/- | 850cm Rs.1,19,000/- | Total Q. 3100cm Rs. 4,34,000/- |
| 4 | Golapokhari | Gobardhanprasad Stone Quarry Ac.4.03dec. | Gobardhanprasad | 589(AAA) | 1017 | Ac.04.03dec. | Parbata- II | 500cm Rs. 70,000/- | 650cm Rs.91,000/- | 750cm Rs.1,05,000/- | 850cm Rs.1,19,000/- | 1000cm Rs.1,40,000/- | Total Q. 37,50cm Rs.5,25,000/- |
| 5 | Baghuapalli | Kanakutuli Stone Quarry Ac.1.71dec. | Kanakutuli Khesara | 2 (AAA) | 36 | Ac.1.71dec. | Parbata- II | 350cm Rs.49,000/- | 500cm Rs. 70,000/- | 650cm Rs.91,000/- | 750cm Rs.1,05,000/- | 850cm Rs.1,19,000/- | Total Q. 3100cm Rs. 4,34,000/- |
| 6 | Baghuapalli | Bhokilapada pahada Ac.1.28dec. | Bhokilapada | 212 (AAA) | 36 | Ac.0.76dec out of Ac.1.99dec. | Patharabani | 150cm Rs. 21,000/- | 250cm Rs.35,000/- | 400cm Rs.56,000/- | 500cm Rs.70,000/- | 600cm Rs.84,000/- | Total Q. 1900cm Rs. 2,66,000/- |
| 7 | Baghuapalli | Sadhumundia pahada Ac.3.42dec. | Sadhumundia | 16 (AAA) | 1 & 65 | Ac.0.58dec. Out of Ac.14.32 & Ac.1.42dec. Out of Ac.7.44dec. | Patharabani | 350cm Rs.49,000/- | 500cm Rs. 70,000/- | 750cm Rs.1,05,000/- | 1000cm Rs.1,40,000/- | 1250cm Rs.1,75,000/- | Total Q. 38,50cm Rs.5,39,000/- |
| 8 | Baghuapalli | Kanakutuli Khesara Stone Quarry Ac.13.00dec. | Kanakutuli Khesara | 2 (AAA) | 18 | Ac.13.00dec. Out of Ac.35.25dec. | Parbata- II | 1300cm Rs.1,82,000/- | 1450cm Rs.2,03,000/- | 1600cm Rs.2,24,000/- | 1750cm Rs.2,45,000/- | 2000cm Rs.2,80,000/- | Total Q. 8100cm Rs.11,34,000/- |
| 9 | Baghuapalli | Nuapalli Sand Ac.19.44dec. | Nuapalli | 231 (AAA) | 1 &859 | Ac.11.75dec. & Ac.7.69dec. | Nadi | 1000cm Rs.40,000/- | 1250cm Rs.50,000/- | 1500cm Rs.60,000/- | 1750cm Rs.70,000/- | 2000cm Rs.80,000/- | Total Q. 7500cm Rs.3,00,000/- |

Tahasildar
Bhapur

ଉପ ପତ୍ର ସଂଖ୍ୟା                    ତାରିଖ

ଏହାର ଏକକିତ ନକଲ ଜିଲ୍ଲାପାଳ ,ନୟାଗଡ / ଉପ- ଜିଲ୍ଲାପାଳ,ନୟାଗଡ / ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ,ନୟାଗଡ ଙ୍କ ସଦୟ ଅବଗତି ଏବଂ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱାଃ-
ତହସିଲଦାର / Tahasildar
Bhapur

ଉପ ପତ୍ର ସଂଖ୍ୟା                    ତାରିଖ

ଏହାର ଏକକିତା ନକଲ ସମସ୍ତ ସରପଞ୍ଚ ,ଭାପୁର ତହସିଲ ଅନ୍ତର୍ଗତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।ଏହି ବିଜ୍ଞାପନଟିକୁ ସମସ୍ତ ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଗଲା ।

ସ୍ୱାଃ-
ତହସିଲଦାର / Tahasildar
Bhapur

ଉପ ପତ୍ର ସଂଖ୍ୟା ୯୫୫   ତାରିଖ ୨୦-୬-୨୦୧୮

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ,( ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର )ଜିଲ୍ଲା ୟୁନିଟ, ନୟାଗଡ କୁ ଜିଲ୍ଲା ୱେବସାଇଟିରେ ବ୍ୟାପକ ପ୍ରସାର ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର / Tahasildar
Bhapur

ଉପ ପତ୍ର ସଂଖ୍ୟା          ତାରିଖ

ଏହାର ଏକକିତା ନକଲ ନୟାଗଡ ଜିଲ୍ଲାର ସମସ୍ତ ମଣ୍ଡଳଉନ୍ନୟନ ଅଧିକାରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।ଏହି ବିଜ୍ଞାପନଟିକୁ ସମସ୍ତ ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଗଲା ।

ସ୍ୱାଃ-
ତହସିଲଦାର / Tahasildar
Bhapur

ଉପ ପତ୍ର ସଂଖ୍ୟା          ତାରିଖ

ଏହାର ଏକକିତା ନକଲ ନୟାଗଡ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।ଏହି ବିଜ୍ଞାପନଟିକୁ ସମସ୍ତ ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଗଲା ।

ସ୍ୱାଃ-
ତହସିଲଦାର / Tahasildar
Bhapur

ଉପ ପତ୍ର ସଂଖ୍ୟା          ତାରିଖ

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ,ଭାପୁରଙ୍କ ସୂଚନା ଫଳକରେ ସମସ୍ତ ସର୍ବସାଧା ରଣଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଜଣାଇ ଦିଆଗଲା ।

ସ୍ୱାଃ-
ତହସିଲଦାର / Tahasildar
Bhapur